# ମଣିଷ, ଜୀବଜନ୍ତୁଙ୍କ ପାଇଁ ଆବଶ୍ୟକ ଆବାସସ୍ଥଳୀ ଜରୁରୀ




ବିଶ୍ୱ ଆବାସସ୍ଥଳୀ ଦିବସ ପାଳନ ଅବସରରେ ସଚେତନତା ପଦଯାତ୍ରା।

**ଅନୁଗୋଳ,୭।୧୦(ମାନସ ବିଶ୍ୱାଳ)**

ଓଡ଼ିଶା କୃଷକ ସମନ୍ୱୟ ସମିତି ଅନୁଗୋଳ ଶାଖା ତରଫରୁ ବିଶ୍ୱ ଆବାସସ୍ଥଳୀ ଦିବସ ରବିବାର ପାଳିତ ହୋଇଯାଇଛି। ସଂସ୍ଥା ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା। ସମିତି ପକ୍ଷରୁ କୁହାଯାଇଛି, ଅକ୍ଟୋବର ପ୍ରଥମ ସୋମବାରକୁ 'ବିଶ୍ୱ ଆବାସସ୍ଥଳୀ ଦିବସ' ଭାବେ ପାଳନ କରାଯାଉଛି। ଚଳିତବର୍ଷ 'ଏକ ଉତ୍ତମ ସହରୀ ଭବିଷ୍ୟତ ସୃଷ୍ଟି କରିବାକୁ ଯୁବକମାନଙ୍କୁ ନିୟୋଜିତ କରିବା' ବାର୍ତ୍ତା ମିଳିତ ଜାତିସଂଘ ତରଫରୁ ଦିଆଯାଇଛି। ପ୍ରତ୍ୟେକ ମଣିଷଙ୍କ ପାଇଁ ଆବାସଯୋଗ୍ୟ ଆବାସସ୍ଥଳୀର ଅଭାବ ରହିଛି। ମଣିଷକୁ ଛାଡିଦେଲେ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଆବାସସ୍ଥଳୀ ଆବଶ୍ୟକ। କିନ୍ତୁ ଜୀବଜନ୍ତୁଙ୍କ ଆବାସସ୍ଥଳୀ ଏବେ ହ୍ରାସ ପାଇବାରେ ଲାଗିଛି। ଜଙ୍ଗଲ ପରିସୀମା ଓ ଘଞ୍ଚତା କମିଯାଉଥିବାରୁ ଏମାନେ ଆବାସସ୍ଥଳ୍ୟ ଶୂନ୍ୟ ଜୀବ ରୂପେ ପରିଣତ ହେଉଛନ୍ତି। ତେଣୁ ପ୍ରତ୍ୟେକ ମଣିଷ ଏବଂ ଜୀବଜନ୍ତୁଙ୍କ ପାଇଁ ଆବଶ୍ୟକ ଆବାସସ୍ଥଳୀ ବ୍ୟବସ୍ଥା କରାଯିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବାକୁ ସମିତି ତରଫରୁ ଏହି ପ୍ରୟାସ କରାଯାଇଛି।

# ମହିଳାଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୭।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ହଣ୍ଡପା ଥାନା କଣ୍ଢେଇକୋଳିଆ ଗ୍ରାମର ବବିତା ବେହେରାଙ୍କୁ ତାଙ୍କ ପଡ଼ୋଶୀ ବାସନ୍ତୀ ବେହେରା ଓ ପୁଅ ଗିପିନ ରଞ୍ଜନ ବେହେରା ଆକ୍ରମଣ କରିଥିବା ବବିତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ନମ୍ବର ୩୦୧/୨୪ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବବିତାଙ୍କ ସ୍ୱାମୀ ବାସନ୍ତୀଙ୍କ ଠାରୁ ୩ ହଜାର ଟଙ୍କା ଧାର ଆଣିଥିଲେ। ଏ ନେଇ ବାସନ୍ତୀ ରବିବାର ବବିତାଙ୍କ ଘରକୁ ଯାଇ ଟଙ୍କା ମାଗିଥିଲେ। ବବିତା ଘରେ ରଖିଥିବା ୨ ହଜାର ଟଙ୍କା ଦେବା ସହ ବଳକା ୧ ହଜାର ଟଙ୍କା ପରେ ଦେଇଦେବେ ବୋଲି କହିଥିଲେ। ଏଥିରେ ବାସନ୍ତୀ ଓ ତାଙ୍କ ପୁଅ ଗିପିନ ଉତ୍କ୍ଷିପ୍ତ ହୋଇ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ରାତିରେ ଆଡ୍ଡା ଜମାଉଛନ୍ତି ଅସାମାଜିକ





**ବଅଁରପାଳ,୭।୧୦(ସୁବାସ ସାହୁ)**

■ସ୍କୁଲ ପରିସରରେ ଗଡୁଛି ମଦ ବୋତଲ
■ରୋଷେଇକରି ଖାଇବା ସହ କରୁଛନ୍ତି ମଦ୍ୟପାନ

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢାପଙ୍କ ଉଚ୍ଚ ବିଦ୍ୟାଳୟ ପରିସରରେ ରାତିରେ ମଦ୍ୟପମାନେ ଆଡ୍ଡା ଜମାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଉକ୍ତ ବିଦ୍ୟାଳୟରେ ରାତି ଜଗୁଆଳି ନିୟୋଜିତ କରାଯାଇନାହିଁ। ଏହାର ସୁଯୋଗ ନେଇ ରାତିରେ ସ୍କୁଲ ପରିସରରେ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ମଦ୍ୟପ ଓ ଅନ୍ୟ ନିଶାଦ୍ରବ୍ୟ ସେବନକାରୀମାନେ ସ୍କୁଲ ହତା ଭିତରେ ଚୁଲି କରି ରୋଷେଇ କରି ଖାଇବା ସହିତ ମଦ୍ୟ ଓ ଅନ୍ୟ ନିଶାପାନ କରୁଛନ୍ତି। ମଦ୍ୟପାନ ପରେ ଖାଲି ବୋତଲଗୁଡ଼ିକ ସ୍କୁଲ ପରିସରରେ ଏଣେତେଣେ ପକାଇଦେଇ ଚାଲିଯାଉଛନ୍ତି। ସକାଳେ ସ୍କୁଲ ଆସୁଥିବା କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଏହାର ପ୍ରତିକାର ନିମନ୍ତେ ଜିଲା ଶିକ୍ଷାଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ପାଇଁ ଆହ୍ୱାନ

**ଅନୁଗୋଳ,୭।୧୦(ମାନସ ବିଶ୍ୱାଳ)**

୧ ଅକ୍ଟୋବର ୨୦୨୪ରୁ ଶ୍ରମିକମାନଙ୍କ ପାଇଁ ବହୁ ପରିମାଣରେ ମଜୁରି ବୃଦ୍ଧି କରାଯାଇଛି ବୋଲି କେନ୍ଦ୍ର ସରକାର ଗଣମାଧ୍ୟମରେ ପ୍ରଚାର କରୁଥିବା ବେଳେ ଏହା ଶ୍ରମିକମାନଙ୍କ ପାଇଁ ବିଭ୍ରାନ୍ତିକର ବୋଲି ଏଆଇୟୁଟିୟୁସି ଅନୁଗୋଳ ଜିଲା କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। କମିଟି କହିଛି, ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ ସହର ଭଳି ଏ (କ) ଶ୍ରେଣୀଭୁକ୍ତ ଅଞ୍ଚଳ ପାଇଁ କେନ୍ଦ୍ର ସରକାରଙ୍କ ସଂସ୍ଥାରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ପାଇଁ ମାତ୍ର ୫ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ପାଇଁ ମାତ୍ର ୬ ଟଙ୍କା, କୁଶଳୀ ଶ୍ରମିକଙ୍କ ପାଇଁ ମାତ୍ର ୬ ଟଙ୍କା ଓ ଅତିକୁଶଳୀ ଶ୍ରମିକଙ୍କ ପାଇଁ ମାତ୍ର ୭ ଟଙ୍କା ମଜୁରୀ ବୃଦ୍ଧି କରାଯାଇଛି। ଭୁବନେଶ୍ୱର, କଟକ ସହର ଭଳି ବି (ଖ) ଶ୍ରେଣୀଭୁକ୍ତ ଅଞ୍ଚଳର ଅଣକୁଶଳୀ ଶ୍ରମିକଙ୍କ ପାଇଁ ମାତ୍ର ୪ ଟଙ୍କା, ଅର୍ଦ୍ଧକୁଶଳୀଙ୍କ ପାଇଁ ମାତ୍ର ୫ ଟଙ୍କା, କୁଶଳୀଙ୍କ ପାଇଁ ମାତ୍ର ୬ ଟଙ୍କା, ଅତି କୁଶଳୀ ଶ୍ରମିକଙ୍କ ପାଇଁ ମାତ୍ର ୬ ଟଙ୍କା, ଅନୁଗୋଳ, ଢେଙ୍କାନାଳ ସହର ସମେତ ଅନ୍ୟାନ୍ୟ ଅଞ୍ଚଳର ଅଣକୁଶଳୀ ଶ୍ରମିକଙ୍କ ପାଇଁ ମାତ୍ର ୪ ଟଙ୍କା, ଅର୍ଦ୍ଧକୁଶଳୀଙ୍କ ପାଇଁ ମାତ୍ର ୪ ଟଙ୍କା, କୁଶଳୀ ଶ୍ରମିକଙ୍କ ପାଇଁ ମାତ୍ର ୫ ଟଙ୍କା, ଅତି କୁଶଳୀ ଶ୍ରମିକଙ୍କ ପାଇଁ ୬ ଟଙ୍କା ମଜୁରି ବୃଦ୍ଧି କରାଯାଇଛି। କିନ୍ତୁ ଶ୍ରମିକଙ୍କ ମଜୁରି ବହୁ ପରିମାଣରେ ବୃଦ୍ଧି କରିଛନ୍ତି ବୋଲି ଭାଜପା ସରକାର ଗଣମାଧ୍ୟମରେ ଯେଉଁ ପ୍ରଚାର ଚଳାଇଛନ୍ତି, ତାହା ବାସ୍ତବରେ ହୋଇପାରି ନାହିଁ ବୋଲି ଏଆଇଟିୟୁସି ଅନୁଗୋଳ ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ସାହୁ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ସଂସ୍ଥାରେ ଓ ରାଜ୍ୟର ଘରୋଇ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ଓଡ଼ିଶା ସରକାର ମାତ୍ର ୨ ଟଙ୍କା ଭିଡିଏ ଘୋଷଣା କରିଛନ୍ତି। ତେଣୁ ସର୍ବନିମ୍ନ ମଜୁରି ମାସିକ ୨୮ ହଜାର ଟଙ୍କା ଦାବିରେ ଶକ୍ତିଶାଳୀ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନ ସଙ୍ଗଠିତ କରିବା ପାଇଁ ୟୁନିୟନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ବିରଳ ପ୍ରଜାତି ବନ୍ୟଜୀବଙ୍କ ସ୍ଥିତି ଅସୁରକ୍ଷିତ

**ଅନୁଗୋଳ,୭।୧୦ (ଜ୍ୟୋତିରଞ୍ଜନ ସାହୁ)**

ପ୍ରାକୃତିକ ପରିସଂସ୍ଥାର ଖଣ୍ଡ ବିଖଣ୍ଡିତ, ସଂକୁଚିତ ଏବଂ ଧ୍ୱଂସବିଶେଷ ଯୋଗୁ ଅନେକ ବିରଳ ପ୍ରଜାତିର ବନ୍ୟଜୀବଙ୍କ ସ୍ଥିତି ଅସୁରକ୍ଷିତ ହୋଇପଡ଼ିଛି। ମାନବ ସମାଜ ବିରଳ ଓ ଗୁରୁତ୍ୱପୂର୍ଣ୍ଣ ବନ୍ୟଜୀବଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ସହିତ ସୁରକ୍ଷାରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ସାମାଜିକ ଅନୁଷ୍ଠାନ ନିୟୁଜ ପକ୍ଷରୁ ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଏକ ସଚେତନତା ବୈଠକରେ ଏହି ମତ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ନିୟୁଜ ସଂଯୋଜକ ସୁବ୍ରତ କୁମାର ପ୍ରଧାନ ଏବଂ ଅନୁଗୋଳ ବନାଞ୍ଚଳର ବନରକ୍ଷୀ ସୁଜାତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀଙ୍କ ପ୍ରତି ଥିବା ବିପଦ, ସୁରକ୍ଷା ଓ ସଂରକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନୁଷ୍ଠାନ ସଂଯୋଜନ ପ୍ରିୟବ୍ରତ ବେହେରା ଏବଂ ଲିପ୍ସା ପ୍ରଧାନ, ଆଲୋଚିତ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଓପନ କୁଇଜ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସ୍ମିତାରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ବିନୟ କୁମାର ସାହୁ ଏବଂ ସ୍କୁଲ କର୍ତ୍ତୃପକ୍ଷ ସହଯୋଗ କରିଥିଲେ।




ସଚେତନତା ବୈଠକରେ ମଞ୍ଚାସୀନ ଅତିଥିମାନେ।



ଅନୁଗୋଳ ଦଶହରା ପଡ଼ିଆଠାରେ ମା'ଙ୍କ ମୂର୍ତ୍ତି ନିର୍ମାଣରେ ଶେଷ ସ୍ପର୍ଶ। (ଫଟୋ-ବୁବୁ)

# ପୂଜା ପାଇଁ ପୋଲିସ ଜାରି କଲା ରୁଟ୍ ମ୍ୟାପ

**ଅନୁଗୋଳ,୭।୧୦(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହରରେ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ପାଇଁ ଭିଡ଼କୁ ନଜରରେ ରଖି ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ରୁଟ୍ ମ୍ୟାପ ଜାରି କରାଯାଇଛି। ଭିଡ଼କୁ ନିୟନ୍ତ୍ରଣ ସହ ଗାଡି ପାର୍କିଂ ପାଇଁ ବିଭିନ୍ନ ସ୍ଥାନରେ ପାର୍କିଂ ସ୍ଥାନ କରାଯାଇଛି। ଦୁର୍ଗା ପୂଜା ପାଇ ଆସନ୍ତା ୯ ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ଓ ଲକ୍ଷ୍ମୀ ପୂଜା ପାଇ ୧୬ରୁ ୨୭ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୪ରୁ ରାତି ୧୨ଟା ଯାଏ ୫୫ ନଂ. ଜାତୀୟ ରାଜପଥରେ ଜରୁରିକାଳୀନ ଯାନ ଛଡା ଆଉ କୌଣସି ସଯାନ ଛଡାଯିବ ନାହିଁ ବୋଲି ସୂଚନା ଦିଆଯାଇଛି। ସେହିପରି ରାଜ ହୋଟେଲ ଛକରୁ ହୁଲୁରସିଂହା ଛକ ପର୍ଯ୍ୟନ୍ତ ଦିନ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସାଧାରଣ ୪ଚକିଆ ଗାଡିକୁ ଯିବା ପାଇଁ ଅନୁମତି ଦିଆଯିବନି। ସମ୍ବଲପୁର ପଟୁ ଆସୁଥିବା ଭାରିଯାନ ଓ ଅନ୍ୟ ଚାରିଚାକିଆ ଯାନ ହିଲୁରସିଂହା ଠାରୁ ପଶି ହେମସୁରପଡା ଛକ ଦେଇ ଡିଆଇସି ଛକ ଦେଇ ରାଜ ହୋଟେଲ ଛକରେ ବାହାରିବେ। ସେହିପରି ନାଲ୍‌କୋ ପାର୍ଶ୍ୱରୁ ଆସୁଥିବା ସମସ୍ତ ଭାରିଯାନ ଓ ଚାରି ଚକିଆ ରାଜ ହୋଟେଲ ପଟରୁ ପଶି ତାମ୍ରିତ କଲୋନୀ ସର୍କିଟ ହାଉସ ଛକ ବିଇଡି କଲେଜ ଛକ ମିଶ୍ରପଡା ଛକ ଦେଇ ହରିମହୁରୀ ଛକଠି ବାହାରି ହୁଲୁରସିଂହା ଦେଇ ଯାଇଲରିବେ। ମହୀଧରପୁର ପାର୍ଶ୍ୱରୁ ଆସୁଥିବା ଯାତ୍ରୀମାନେ ଉପଜିଲାପାଳଙ୍କ ଘର ଦେଇ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇପାରିବେ ଓ ସର୍କିଟ ହାଉସ ଦେଇ ଥାନା ଛକ ଦେଇ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇପାରିବେ। ବାସନ୍ତୀ ଦୁର୍ଗାପୂଜା ପଡିଆ, ଷ୍ଟାଡିୟମଠାରେ ଗାଡି ପାର୍କିଂ କରିପାରିବେ। ୫୫ନଂ ଜାତୀୟ ରାଜପଥରେ କୌଣସି ଗାଡି ପାର୍କିଂ ହୋଇପାରିବ ନାହିଁ।

# ଜନଶୁଣାଣିରେ ୨୭୭ ଅଭିଯୋଗ ପଞ୍ଜୀକୃତ




**ଆଠମଲ୍ଲିକ,୭।୧୦(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୨୭୭ ଜଣ ଅଭିଯୋଗକାରୀ ନାମ ପଞ୍ଜୀକୃତ କରିଥିଲେ। ଆସିଥିବା ଅଭିଯୋଗଗୁଡ଼ିକରୁ ୪ଟିର ଫଇସଲା କରାଯାଇ ଚେକ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଜିଲାପାଳ ଅବଦଲ ମହମ୍ମଦ ଅଖତାର, ଏସ୍‌ପି ରାହୁଲ ଜୈନ, ଡିଏଫଓ ସନ୍ତୋଷ କୋପୁଲା, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର (ରାଜସ୍ୱ), ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ସିଂ, ସିଡିଏମ୍‌ଓ ଶିବାନନ୍ଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତେଜସ୍ୱିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରଟିଓ ସୁମନ୍ତ ସେଠୀ, ଉପଜିଲାପାଳ ଡ. ପ୍ରଭୁ ପୀୟୂଷ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ପାତ୍ର, ଏସ୍‌ଡିପିଓ ବାଳକୃଷ୍ଣ କଅଁର, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଆଇଆଇସି ଚିତ୍ତ ରଞ୍ଜନ ବେହେରା, ଏସିଏସଓ ଶିବାଶିଷ ଜେନାଙ୍କ ସମେତ ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ସମାଧାନ କରିବାରେ ସାହାଯ୍ୟ କରିଥିଲେ।

# କବିତା ସଂକଳନ 'ନୀଡ଼ ଓ ଆକାଶ' ଉନ୍ମୋଚିତ

**ଅନୁଗୋଳ,୭।୧୦ (ଜ୍ୟୋତିରଞ୍ଜନ ସାହୁ)**

ଗାନ୍ଧୀ ଜୟନ୍ତୀ ଅବସରରେ ଜିଲା ପାଠାଗାର ଠାରେ ଆୟୋଜିତ ହୋଇଥିବା ଆଲୋଚନା ଚକ୍ର ଓ କବିତା ପାଠ ଉତ୍ସବରେ କବୟିତ୍ରୀ ଶାନ୍ତିଲତା ରଥଙ୍କ କବିତା ସଂକଳନ 'ନୀଡ଼ ଓ ଆକାଶ' ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଧରଣୀଧର ନାଥ, ମୁଖ୍ୟବକ୍ତା ଭାବେ ପ୍ରଫେସର କୁମୁଦ ଚନ୍ଦ୍ର ଦାଶ, ସମ୍ମାନିତ ବକ୍ତା ଭାବେ ରାଧାକାନ୍ତ ମହାନ୍ତି, ଅବସରପ୍ରାପ୍ତ ପ୍ରାଧାପିକା ଡ. ଇନ୍ଦିରା ଦାଶ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କେ. ଶ୍ରବଣ କୁମାର, ପ୍ରକାଶକ ବିନୟ କୁମାର କରଙ୍କ ସମେତ ବହୁ ବରିଷ୍ଠ ସାହିତ୍ୟିକ, କବୟିତ୍ରୀ ଓ କବିମାନେ ଉପସ୍ଥିତ ଥିଲେ। ପୂର୍ବରୁ କବୟିତ୍ରୀ ଶ୍ରୀମତୀ ରଥଙ୍କ ଲିଖିତ 'ଶ୍ରଦ୍ଧାଞ୍ଜଳି', 'ଶ୍ରଦ୍ଧା ସୁମନ', 'ଜୀବନ ପଥ', 'ପୁଷ୍ପାଞ୍ଜଳି' ଓ 'ଭିନ୍ନ ପୃଥିବୀ' ଆଦି ପୁସ୍ତକ ବେଶ୍ ପାଠକୀୟ ଆଦୃତି ଲାଭ କରିସାରିଛି।



# ଫୁଲ ଚାଷର ଆବଶ୍ୟକତା ଉପରେ ଆଲୋଚନା

**ବଇଣ୍ଡା,୭।୧୦(ପରିକ୍ଷିତ ସାହୁ)**

ଜାତୀୟ ଉଦ୍ଭିଦ ଗବେଷଣା କେନ୍ଦ୍ର ଓ କଳ୍ପତରୁ ତଥା ମା' ସୁରେଶ୍ୱରୀ କୃଷି ସମବାୟ ସମିତି ତରଫରୁ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଠାରେ ରବିବାର ଫୁଲ ଚାଷ ଓ ମହୁଚାଷ କରି କିପରି ଜୈବ ବିବିଧତାକୁ ରକ୍ଷା କରାଯାଇପାରିବ ଏବଂ ଆର୍ଥିକ ସ୍ୱାବଲମ୍ବୀ କରାଯାଇପାରିବ ସେ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଦେଶକ ତଥା ବରିଷ୍ଠ କୃଷି ବିଜ୍ଞାନୀ ଡ. ଅଜିତ କୁମାର ଶାସନି ଏବଂ ସହଯୋଗୀ କୃଷି ବିଜ୍ଞାନୀ ଡ. ସୌମିତ ବେହେରା ଓ ଡ. ସମ୍ବିତ ବେହେରା ଯୋଗଦେଇ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, କଳ୍ପତରୁ ସଭାପତି ସୁଧୀର ରଞ୍ଜନ ପ୍ରଧାନ, ସମବାୟ ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ ରମାକାନ୍ତ ପ୍ରଧାନ ଯୋଗଦେଇଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗବେଷଣା କେନ୍ଦ୍ର ତରଫରୁ ଗେଣ୍ଡୁ, ମଲ୍ଲୀ ଓ ଗୋଲାପ ଚାରା ଚାଷୀମାନଙ୍କୁ ବଣ୍ଟନ କରାଯାଇଥିଲା। ଲବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ଲୋକଙ୍କ ସମସ୍ୟା ସମାଧାନ ପାଇଁ ଏମ୍‌ପିଙ୍କ ନିର୍ଦ୍ଦେଶ

**ତାଳଚେର,୭।୧୦ (ମନୋଜ ନନ୍ଦ)**

ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ସୋମବାର ତାଳଚେର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତାଳଚେର ଥର୍ମାଲ ଅତିଥି ଭବନରେ ଏମ୍‌ପି ପହଞ୍ଚିବା ପରେ ଏନ୍‌ଟିପିସି ଟିଟିପିଏସ୍ ଅଧିକାରୀ ସିଜିଏମ୍ ବିଜୟ ଚାନ୍ଦ, ଏଜିଏମ୍ ରୋହିତ କୁମାର, ଏଚ୍‌ଆର୍ ସକିଲ ମହମ୍ମଦ, ସ୍ଥାନୀୟ ସରପଞ୍ଚ ସହଦେବ ସାହୁଙ୍କ ସମେତ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରେ ଉପସ୍ଥିତ ଥିବା ଶତାଧିକ ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଏମ୍‌ପି ଶୁଣିବା ପରେ ଏହାର ତ୍ୱରିତ ସମାଧାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତାଳଚେର ଉପ ଜିଲାପାଳ ସମୀର କୁମାର ଜେନା, ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ, ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ସହ ଏମ୍‌ପି ପାଣି ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ଏମ୍‌ପି ପାଣି ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକଙ୍କ କାର୍ଯ୍ୟାଳୟରେ ହେଉଥିବା ନବରାତ୍ରୀ ପୂଜାରେ ଯୋଗ ଦେଇଥିଲେ। ସେଠାରେ ଉପସ୍ଥିତ ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଏମ୍‌ପିଙ୍କ ଗସ୍ତ ଅବସରରେ ଭାଜପାର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଅଧିକାରୀମାନଙ୍କ ସହ ଏମ୍‌ପି ଆଲୋଚନା କରୁଛନ୍ତି।

# ପୂଜା ପ୍ରତିଷ୍ଠାନ ସ୍ୱଚ୍ଛତା ବଜାୟ ରଖନ୍ତୁ

## ଭାରିଯାନ ଚଳାଚଳ ବନ୍ଦ ପାଇଁ କଟକ ଓ ଅନୁଗୋଳ ଜିଲାପାଳଙ୍କୁ ପତ୍ର ଦିଆଯିବ

ଢେଙ୍କାନାଳ,୭ା୧୦(ରତନ ନାୟାର)


ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ସୋମବାର ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ ବୈଠକରେ ଅଧ୍ୟକ୍ଷତା କରି ପୂର୍ବ ଭେଦଭାବ ଭୁଲି ଶାନ୍ତିଶୃଙ୍ଖଳା ଓ ଭାଇଚାରା ମଧ୍ୟରେ ଢେଙ୍କାନାଳ ଗଣପର୍ବକୁ ଅଧିକ ସରସ ସୁନ୍ଦର ଭାବେ ପାଳିବା ପାଇଁ କହିବା ସହିତ ପୂଜା ପ୍ରତିଷ୍ଠାନଗୁଡିକ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

ବୈଠକ ପ୍ରାରମ୍ଭରେ ଉପଜିଲାପାଳ ବିବୁଧ ଗଡ଼ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପୂଜା ପ୍ରତିଷ୍ଠାନଗୁଡିକ ମଧ୍ୟରେ ଥିବା ସୀମା ବିବାଦ ସୃଷ୍ଟି ହେଲେ ଏହାକୁ ସୀମା ବିବାଦ କମିଟି ମାଧ୍ୟମରେ ତୁରନ୍ତ ସମାଧାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ଲକ୍ଷ୍ମୀପୂଜା ଅବସରରେ ପଲ୍ଲିଶ୍ରୀ ମେଳା ପଡ଼ିଆ ସମ୍ମୁଖରେ ଥିବା ଜାଗାରେ ଜୁବୁଲି ଟାଉନ-୧ ପୂଜା ପ୍ରତିଷ୍ଠାନକୁ ବାଣିଜ୍ୟ ମେଳା ଆୟୋଜନ କରିବା ଉପରେ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିବା ନେଇ ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜୁବୁଲି ଟାଉନ-୧ ପୂଜା ପ୍ରତିଷ୍ଠାନ ସଭାପତି ଅମ୍ବିକା ପଟ୍ଟନାୟକ ଓ ସମ୍ପାଦକ ବିନୋଦ ମହାନ୍ତି ଏ ସମ୍ପର୍କରେ ବୈଠକରେ ଦୃଷ୍ଟି ଆକର୍ଷଣ କରିବା ସହିତ ଦୀର୍ଘବର୍ଷ ହେବ ଉକ୍ତ ଜାଗାରେ ପୂଜା କମିଟି ପକ୍ଷରୁ ବାଣିଜ୍ୟ ମେଳା ଆୟୋଜିତ ହୋଇଆସୁଥିବାରୁ ଚଳିତବର୍ଷ ମଧ୍ୟରେ ସେମାନଙ୍କୁ ଅନୁମତି ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି ମିଳିତ ବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର କହିଲେ, ଯେ କୌଣସି ପୂଜା ପ୍ରତିଷ୍ଠାନ ଅଞ୍ଚଳରେ ଖାଲି ପଡିଥିବା ସରକାରୀ ଜାଗାକୁ ପାର୍କିଂ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ। ସେହିପରି ଚଳିତବର୍ଷ ସ୍ୱଚ୍ଛତା ପାଳନ କରୁଥିବା ପୂଜା ପ୍ରତିଷ୍ଠାନକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ ବୋଲି ମିଳିତବଜାର ପୂଜା କମିଟି ସଭାପତି ସୂଚନା ଦେଇଥିଲେ। ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବରେ ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା ଓ ଜନ ସାଧାରଣଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଥିଲେ। ପ୍ରବଳ ଜନ ସମାଗମକୁ ନଜରରେ ରଖି ଅପରାହ୍ନ ୪ଟାରୁ ଢେଙ୍କାନାଳ ଦେଇ ଭାରିଯାନ ଚଳାଚଳକୁ ବନ୍ଦ କରାଯିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ କଟକ ଓ ଅନୁଗୋଳ ଜିଲାପାଳଙ୍କୁ ପତ୍ର ଲେଖାଯିବ ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଥିଲେ। ସେହିପରି ପୂଜା ସମୟରେ ପାର୍କିଂ ପାଇଁ ୨ଚକିଆ ଯାନ ନିମନ୍ତେ ୨୦ ଟଙ୍କା, ଅଟୋ ପାଇଁ ୩୦ ଟଙ୍କା ଏବଂ ଚାରିଚକିଆ ଯାନ ପାଇଁ ୫୦ଟଙ୍କା ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ଦେୟ ଠାରୁ ଅଧିକ ପରିମାଣରେ କେହି ଆଦାୟ ନ କରିବା ପାଇଁ କୁହାଯାଇଥିଲା। ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସହର ମଧ୍ୟଦେଇ ବସ୍ ଚଳାଚଳ କଟକଣା କରାଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଗୋପାଳ ପାତ୍ର, ସୁଧାଂଶୁ ଦଳେଇ, ସୁକାନ୍ତ ମିଶ୍ର, ପୀତବାସ ସାହୁ, ବିଶ୍ୱନାଥ ବେହେରା, ନବୀନଚନ୍ଦ୍ର ନାରାୟଣ ଦାସ, ରୁଦ୍ର ନାରାୟଣ ତ୍ରିପାଠୀ ଓ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପୋଲିସ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୈଠକରେ ବିଭିନ୍ନ ବଜାରର ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଘର ଭାଙ୍ଗିଲା ହାତୀ, ଲୋକେ ଭୟଭୀତ

ଭୁବନ,୭ା୧୦(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳରେ ୪ ଦିନ ହେବ ଏକ ହାତୀ ଆତଙ୍କ ସୃଷ୍ଟି କରୁଛି। ଫଳରେ ଆଖପାଖ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ରବିବାର ରାତିରେ ଶାମଳ ସଂରକ୍ଷିତ ଜଙ୍ଗଲ ଓ ଭାରତୀ ପାହାଡ ପାଦଦେଶରେ ଥିବା ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହେଉଛି। ସେହିପରି କୁନିନ୍ଦା ପଞ୍ଚାୟତ ବ୍ରହ୍ମାନନ୍ଦ କଲୋନିର ଗ୍ରାମ ଭିତକୁ ହାତୀ ଚାଲି ଆସି ଅନେକ ଗଛ ଭାଙ୍ଗିବା ସହିତ ବନମାଳି ଦେହୁରୀଙ୍କ ଚାଳ ଘର ଭାଙ୍ଗି ଦେଇଛି। ଗ୍ରାମବାସୀ ବାରମ୍ବାର ବନବିଭାଗକୁ ଅଭିଯୋଗ କରୁଥିଲେ ମଧ୍ୟ ରେଞ୍ଜରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ତୁରନ୍ତ ଉକ୍ତ ହାତୀକୁ ଗ୍ରାମ ନିକଟ ଅଞ୍ଚଳରୁ ଘଉଡାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଭୁବନ ରେଞ୍ଜର ରାକେଶ କୁମାର ଦଳେଇ କହିଛନ୍ତି, କର୍ମଚାରୀମାନେ ହାତୀ ଉପରେ ନଜର ରଖିଛନ୍ତି। ହାତୀଟି ବ୍ରାହ୍ମଣୀ ନଦୀ ପାର ହୋଇ ଏହି ଅଞ୍ଚଳକୁ ବାରମ୍ବାର ପଳାଇ ଆସୁଛି। ଗୋଟିକିଆ ହାତୀ କାରଣରୁ ତଡ଼ିବା କଷ୍ଟକର ହେଉଛି। କ୍ଷତିଗ୍ରସ୍ତ ଘର ମାଲିକଙ୍କୁ ସହାୟତା ଯୋଗାଇ ଦିଆଯିବ।



# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଢେଙ୍କାନାଳ,୭ା୧୦(ରତନ ନାୟାର)

ଢେଙ୍କାନାଳ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ଗଁଦିଆ ବ୍ଲକ ଅଞ୍ଚଳରେ ବିଜେଡି ପକ୍ଷରୁ ରବିବାର ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ଗଁଦିଆ ବିଜେଡି କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ଗଁଦିଆ ପଞ୍ଚାୟତ ଓ ପୋରୁହଖୋଜ ପଞ୍ଚାୟତ ପର୍ଯ୍ୟନ୍ତ ଯାଇଥିଲା। ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ବିଜେଡି ନେତା ଅବିନାଶ ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଗଁଦିଆ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମମତା ସାମଲ, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ମହିଳା ବିଜେଡି ସଭାପତି ଶୁଭଦର୍ଶିନୀ ପରିଡା, ଯୁବ ବିଜେଡି ସଭାପତି ପ୍ରଦୀପ କୁମାର ରାଉତ ଓ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ସୁଶାସନ ଓ ଜନକଲ୍ୟାଣ ଯୋଜନା ଗୁଡିକର ଉପକାରିତା ଏବଂ ବର୍ତ୍ତମାନ ଭାଜପା ସରକାରଙ୍କ ୧୦୦ ଦିନର ବିଫଳତାକୁ ପଦଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।


ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ନେତୃବୃନ୍ଦ।

# ଓଡ଼ିଶୀ ନୃତ୍ୟ ଆମ ପରିଚୟ ବହନ କରେ

## ନୃତ୍ୟମ୍ ଅନୁଷ୍ଠାନର ନୃତ୍ୟସାୟା ମହୋତ୍ସବ

ଢେଙ୍କାନାଳ,୭ା୧୦(ରତନ ନାୟାର)



ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟମର ରୌପ୍ୟ ଜୟନ୍ତୀ ଉତ୍ସବ ଅବସରରରେ ନୃତ୍ୟସାୟା ମହୋତ୍ସବ ରବିବାର ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର କହିଲେ, ଓଡ଼ିଶୀ ନୃତ୍ୟ ଆମର ପରିଚୟ ବହନ କରେ। ନୃତ୍ୟମ୍ ଅନୁଷ୍ଠାନ ଢେଙ୍କାନାଳ ସହରରେ ଅନେକ ନୃତ୍ୟଶିଳ୍ପୀ ସୃଷ୍ଟି କରି ଏକ ସ୍ୱତନ୍ତ୍ର ପରିଚୟ ବହନ କରିଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ର ନୃତ୍ୟମ୍ ଅନୁଷ୍ଠାନ କଳା ସଂସ୍କୃତିର ସଜାଗ ପ୍ରହରୀ ବୋଲି ମତବ୍ୟକ୍ତ କରିଥିଲେ। ନାଟ୍ୟକାର ଶତ୍ରୁଘ୍ନ ମାଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ନୃତ୍ୟଗୁରୁ ନିରଞ୍ଜନ ରାଉତ ଉତ୍ସବରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନ ମୁଖ୍ୟ ମନୋରମା ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କଳାକାର ତଥା ଯାତ୍ରା ଅଭିନେତା ରାଜେନ୍ଦ୍ର ପତି ଓ ନାଟ୍ୟକାର ଅବନୀ କୁମାର ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ନୃତ୍ୟସାୟା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସମର ତରଙ୍ଗ ଗୀତିନାଟ୍ୟକୁ ସଫଳ ରୂପାୟନ କରିଥିବାରୁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମିଳନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନ ସଭାପତି ଦାଶରଥି ବେହେରା ଓ ସଙ୍ଗୀତା ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ।

# ଶିବିରରେ ୧୬୪ ଅଭିଯୋଗର ଶୁଣାଣି


ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

କାମାକ୍ଷାନଗର,୭ା୧୦(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକ ସଭାଗୃହ ପରିସରରେ ସୋମବାର ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ଉପସ୍ଥିତିରେ ଲୋକଙ୍କ ଅଭିଯୋଗ ଶୁଣାଣି କରାଯାଇଛି। ମୁଖ୍ୟତଃ ଆବାସ ଯୋଜନରେ ଘର, ସ୍ୱାସ୍ଥ୍ୟ ସମସ୍ୟା, ରାଶନ କାର୍ଡ, ଭିନ୍ନକ୍ଷମ ଭତ୍ତା ଓ ଟ୍ରାଇ ସାଇକେଲ, ଗ୍ରାମ ସମସ୍ୟା ଆଦି ୧୬୪ ଅଭିଯୋଗ ଆସିଥିଲା। ଜିଲାପାଳ ତୁରନ୍ତ ଏହାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓ ରେଡ୍‌କ୍ରସ୍‌ରୁ ୩ ଜଣଙ୍କୁ ୧୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ, କାମାକ୍ଷାନଗର ଏସ୍‌ଡିପିଓ ସ୍ନେହାଶିଷ ସାହୁ, ଜିଲା ଚିକିତ୍ସା ଅଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ, ତହସିଲଦାର ସୌଦାମିନୀ ନାୟକଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ନୂତନ ଭାବେ ଜିଲାରେ ଯୋଗ ଦେଇଥିବା ଏସ୍‌ପିଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଆନ୍ତଃରାଜ୍ୟ ଡକାୟତି ଗ୍ୟାଙ୍ଗର ଜଣେ ଗିରଫ

ଭୁବନ,୭ା୧୦(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ବାଉଁଶକଣ ନିକଟରେ ଗୁଳି କରି ଡକାୟତି ଉଦ୍ୟମ କରାଯିବା ଘଟଣାରେ ପୋଲିସ ଆନ୍ତଃରାଜ୍ୟ ଡକାୟତି ଦଳର ସଦସ୍ୟ ଶିବୁ ସିଂ (କୁନାଲ)ଙ୍କୁ ଗିରଫ କରିଛି। ତାଙ୍କ ଘର ତାଳଚେର ଚାଇପାଳ ଅଞ୍ଚଳରେ।



ଗତ ମାର୍ଚ୍ଚ ୩୦ ତାରିଖରେ କାମାକ୍ଷାନଗର ଥାନା ଅଞ୍ଚଳରେ ଏସିଆନ ଟ୍ରେଡର୍ସ କମ୍ପାନୀର ଟ୍ରକ ଉପରେ ଗୁଳି ଚଳାଇ ଏହି ଗ୍ୟାଙ୍ଗର ସଦସ୍ୟମାନେ ଭୟଭିତ କରାଇ ଡକାୟତି କରିଥିଲେ। ଗ୍ରାମବାସୀ ପହଞ୍ଚିଯିବାରୁ ଡକାୟତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ତାଳଚେର ପୋଲିସ ଶିବିଙ୍କୁ ଗିରଫ କରି ଭୁବନ ପୋଲିସକୁ ହସ୍ତାନ୍ତର କରିଛି।

# ନବ ଲିମିଟେଡ୍ କମ୍ପାନୀ ପକ୍ଷରୁ ରକ୍ତଦାନ ଶିବିର



ନବ ଲିମିଟେଡ୍ କମ୍ପାନୀ ପକ୍ଷରୁ ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ,୭ା୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦଠାରେ ଥିବା ନବ ଲିମିଟେଡ୍ କମ୍ପାନୀ ପରିସରରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ରକ୍ତଭଣ୍ଡାର ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେରାମଣ୍ଡଳୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୋନାଲି ସାହୁ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନବ କମ୍ପାନୀ ଲିମିଟେଡ୍‌ର ଉପସଭାପତି ଭି. ରାଜଶେଖର ରାୟ ନିଜେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। କାରଖାନାର ସମସ୍ତ କର୍ମକର୍ତ୍ତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଶିବିରରେ କାରଖାନା କର୍ମଚାରୀମାନେ ନିଜ ପରିବାର ସହ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା, ଯାହା ପୂର୍ବବର୍ଷ ଅପେକ୍ଷା ଠାରୁ ଅଧିକ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ନେଷ୍ଟ ଅନୁଷ୍ଠାନର ଚତୁର୍ଥ ସାଂସ୍କୃତିକ ମହୋତ୍ସବ



ନେଷ୍ଟ ଅନୁଷ୍ଠାନର ଚତୁର୍ଥ ସାଂସ୍କୃତିକ ମହୋତ୍ସବରେ ଅତିଥିଙ୍କ ସହ ପୁରସ୍କାର ପାଇଥିବା କଳାକାରମାନେ।

ଢେଙ୍କାନାଳ,୭ା୧୦(ରତନ ନାୟାର)

ଢେଙ୍କାନାଳ ସହର ଲେଖକ ସଂସଦ ଭବନଠାରେ ଗତ ୫ ଓ ୬ ତାରିଖରେ 'ନେଷ୍ଟ' ପକ୍ଷରୁ ଚତୁର୍ଥ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠାନର ସମ୍ପାଦିକା ନଳିନୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସରୋଜ କୁମାର ଶତପଥୀ, ନିଶ୍ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ, ସର୍ବଶିକ୍ଷା ଅଭିଯାନ ସଂସ୍ଥାର ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ବୀଣାପାଣି ସେନାପତି ପ୍ରମୁଖ ଯୋଗଦେଇ ଶିଶୁ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଶିଶୁ କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ସଭାପତି ମୁକୁନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ କଳାକାରମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବ ପ୍ରସାଦ ନନ୍ଦ, ପ୍ରଜ୍ଞା ସ୍ୱାଇଁ, ଦୀପାଳି ସାହୁ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଜୟ କୁମାର ସାହୁ ପରିଚାଳନା କରିଥିବାବେଳେ ସମ୍ପାଦିକା ନଳିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଠିନ ପରିଶ୍ରମ କରି ଉତ୍କର୍ଷ ପ୍ରତିପାଦନ କର

## ସିନର୍ଜୀରେ ନବାଗତଙ୍କ ସ୍ୱାଗତ ସମାରୋହ

ଢେଙ୍କାନାଳ,୭ା୧୦(ରତନ ନାୟାର)



ସିନର୍ଜୀରେ ନବାଗତଙ୍କୁ ସ୍ୱାଗତ କରାଯାଉଛି।

ଢେଙ୍କାନାଳ ସିନର୍ଜୀ ଶିକ୍ଷାନୁଷ୍ଠାନ ପରିସରରେ ନବାଗତଙ୍କ ସ୍ୱାଗତ କାର୍ଯକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଡିଗ୍ରୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଡିପ୍ଲୋମା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଶାସନିକ ନିର୍ଦ୍ଦେଶିକା ଡ. ଇତିଶ୍ରୀ ମହାନ୍ତି ଓ ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ନାୟକ, ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଗଠନ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ବିନୋଦ ଦାଶ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳା, ଚରିତ୍ର ଗଠନ ଓ କଠିନ ପରିଶ୍ରମ କରି ଉତ୍କୃଷ୍ଟ ପ୍ରତିପାଦନ କରିବାକୁ କହିଥିଲେ। ଟ୍ରଷ୍ଟି ଅଜୟ ସାହୁ ଏକାଗ୍ରତାର ସହ ପାଠପଢାରେ ପରିଶ୍ରମ କରିବାକୁ କହିଥିଲେ। ଡିପ୍ଲୋମା ବିଭାଗ ଅଧ୍ୟକ୍ଷ ପ୍ରଫେସର ପବିତ୍ର କୁମାର ନାୟକ କଠିନ ଅଧ୍ୟବସାୟ ସଫଳତାର ମାପକାଠି ବୋଲି କହିଥିଲେ। ଡିଗ୍ରୀ ବିଭାଗ ପକ୍ଷରୁ ଅଧ୍ୟାପିକା ସାଂସ୍କୃତିକ ସଂଯୋଜିକା କଳ୍ପନା ସାହୁ ଓ ଡିପ୍ଲୋମା ବିଭାଗ ପକ୍ଷରୁ ଅଧ୍ୟାପିକା ସ୍ମୃତିମୟୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡିଗ୍ରୀ ବିଭାଗ ପକ୍ଷରୁ ସହ ସଂଯୋଜକ ସୁବ୍ରତ କୁମାର ବେହେରା ଓ ଡିପ୍ଲୋମା ପକ୍ଷରୁ ଅଧ୍ୟାପକ ମନମୋହନ ପଣ୍ଡା ଧନ୍ୟବାଦ ଦେଇଥିଲେ। ବିଭାଗୀୟ ମୁଖ୍ୟମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ସମାରୋହରେ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ନିଜ ନିଜର ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ।

